# ଦୁର୍ଗମ ଅଞ୍ଚଳରେ ମିଳିବ ସ୍ୱାସ୍ଥ୍ୟସେବା

**ଉଦ୍‌ଘାଟନ ହେଲା ୨ ମୋବାଇଲ ହେଲ୍‌ଥ ୟୁନିଟ**

ରାୟଗଡ଼ା,୧୭।୯(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରବିବାର ୨ଟି ମୋବାଇଲ ହେଲ୍‌ଥ ୟୁନିଟ୍ (ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର) ଗାଡ଼ିର ଶୁଭାରମ୍ଭ କରାଯାଇଛି। ଅନୁସୂଚିତ ଜାତି ଜନଜାତି ସଂଖ୍ୟାଲଘୁ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ବିଧାୟକ ପାଣ୍ଠିରୁ ୨୫ ଲକ୍ଷ ଟଙ୍କା ବ୍ୟୟରେ ଗାଡ଼ି ୨ଟି ଦିଆଯାଇଛି। ରାୟଗଡ଼ା ଜିଲାର କାଶୀପୁର ଏବଂ ଜେମାଦେଈ ପେଣ୍ଠର ଅପହଞ୍ଚ ଇଲାକାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଏହା



ଅତିଥିମାନେ ମୋବାଇଲ ହେଲ୍‌ଥ ୟୁନିଟ୍‌ର ଶୁଭାରମ୍ଭ କରୁଛନ୍ତି।

ଆରମ୍ଭ କରାଯାଇଛି। ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ, ଏଏନ୍‌ଏମ୍ ଏହି ଗାଡ଼ିରେ ରହି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବେ ବୋଲି ଜଣାପଡିଛି। ମାଇକ୍ରୋ ପ୍ଲାନ ହିସାବରେ ଆଉଟ୍‌ଡୋର ଓପିଡି ଭାବେ ଏହି ଭ୍ରାମ୍ୟମାଣ ଗାଡି କାର୍ଯ୍ୟ କରିବ। ଉଦ୍‌ଘାଟନ ସମୟରେ ମନ୍ତ୍ରୀ ଓ ବିଧାୟକଙ୍କ ସମେତ ସିଡିଏମ୍‌ଓ ଲାଲମୋହନ ରାଉତରାୟ, ରାୟଗଡା ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, ଏସ୍‌ଡିସି ଚେୟାରମ୍ୟାନ ଅନସୂୟା ମାଝି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସଙ୍କ ସମେତ ମେଡିକାଲ ଡିପିଏମ୍ ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୪ ବେଆଇନ ବାଲି ବୋଝେଇ ଟିପ୍ପର ଜବତ

ଟିକିରି, ୧୭।୯(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ବନ ବିଭାଗ କର୍ମଚାରୀମାନେ ଲେଲିଗୁମ୍ମା ସଂରକ୍ଷିତ ଜଙ୍ଗଲରୁ ବେଆଇନ ବାଲି ବୋଝେଇ ଟିପ୍ପର ଜବତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଟୁଲୁ ସାହୁ, ଗପ ମାଝି ଓ ମିଟୁ ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନାନୁଯାୟୀ ଏସିଏଫ୍ ଦିବ୍ୟମାଧୁରୀ ସେଠିଙ୍କ ସହ ଆଣ୍ଟି ସ୍ମଗଲିଙ୍ଗ ସ୍କ୍ୱାର୍ଡ ଫରେଷ୍ଟର ଗୌତମ ପଣ୍ଡା, ଏରକେନ ଶବର, ଜଗତ ମୋନଜ ସାହୁ ଓ ବନବିଭାଗର କର୍ମଚାରୀ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଲେଲିଗୁମ୍ମା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ରାଉଳି, କାଉନିପାଇ ଓ ଗବରଘାଟି ଗ୍ରାମର ବେନିୟମ ବାଲି ଖବରପାଇ ତାହାକୁ ଜବତ କରିଛନ୍ତି। ୪ ଟିପ୍ପରକୁ ଶଙ୍କରୋଡା ଫୋରେଷ୍ଟ ଅଫିସରେ ରଖାଯାଇଛି। ଟିକିରି ରେଞ୍ଜରେ ମାମଲା ରୁଜୁ କରାଯାଇଛି। ଗତବର୍ଷ ମଧ୍ୟ ଏହି ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ୪ଟି ଟିପ୍ପର ଓ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବିକାଶ ଦିବସ ପାଳିତ

ମୁନିଗୁଡ଼ା, ୧୭।୯(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ କରଡାବନ୍ଧ ଗ୍ରାମରେ ରବିବାର ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ




କେନ୍ଦ୍ର ସଂଗଠନ ତରଫରୁ ମା ଧରିତ୍ରୀ କ୍ଲବ ସହଭାଗିତାରେ ବିକାଶ ଦିବସ ପାଳିତ ହୋଇଯାଇଛି। ଯୁବ କେନ୍ଦ୍ର ପ୍ରତିନିଧି ଲକ୍ଷ୍ମୀ ନାରାୟଣ ସେଠୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ମୁଖ୍ୟ ଅତିଥି, ପୂର୍ବତନ ସମିତି ସଭ୍ୟ ରବି ନୁଣ୍ଡ଼ୁକା ମୁଖ୍ୟ ବକ୍ତା ଏବଂ ଯୁବ କର୍ମୀ ରିଙ୍କୁ ନୁଣ୍ଡ଼ୁକା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶ ଭାରତ ବର୍ଷର ବିଭିନ୍ନ କ୍ଷେତ୍ରରେ ବିକାଶ କରୁଥିବା ପ୍ରକାଶ କରିଥିଲେ। ପ୍ରତିରକ୍ଷା, ମହାକାଶ ବିଜ୍ଞାନ ଓ ଯୋଗାଯୋଗ ଆଦି କ୍ଷେତ୍ରରେ ଦେଶ ସମଗ୍ର ବିଶ୍ୱରେ ଅଗ୍ରଣୀ ଭୂମିକା ନେଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ୫୦ ଜଣ ଯୁବକ ଯୋଗ ଦେଇଥିଲେ। ଶେଷରେ କ୍ଲବ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଭ୍ୟାସ ଟେକ୍ନୋ ସ୍କୁଲରେ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ




ପଦ୍ମପୁର, ୧୭।୯(ପ୍ରଶାନ୍ତ କର)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲରେ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ କରାଯାଇଛି। ସଦଗୁରୁ ଅର୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘ ପକ୍ଷରୁ ଏହି ଜ୍ଞାନଯଜ୍ଞ କରାଯାଇଛି। ଦିବ୍ୟ ଦର୍ଶନ ସଂଘ କେନ୍ଦ୍ରୀୟ କମିଟି ସମ୍ପାଦକ କେଶବ ଭାଇ, କେନ୍ଦ୍ରୀୟ କମିଟି ସଦସ୍ୟ ଭୁଜଙ୍ଗ ଭାଇ, ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚେୟାରମ୍ୟାନ ରୁପବିଲାସ ଦାସ, ଗାୟତ୍ରୀ ପଣ୍ଡା, ନୁକିୟା ଭାଷିନି, ଜିତେନ୍ଦ୍ର ଜେନା, ଓ.ଡି. ସାରଦା, କେ.ପ୍ରଭାତୀ, ସ୍କୁଲ ସେକ୍ରେଟାରୀ ଲାଡି ତୁକାରମ୍ ଯୋଗଦେଇଥିଲେ। ଏଥିରେ ବହୁଳ ମାତ୍ରାରେ ଲୋକ ଯୋଗ ଦେଇ ଜ୍ଞାନର ବାର୍ତ୍ତାକୁ ଉପଲବ୍ଧି କରିଥିଲେ।

# ସ୍ୱର୍ଣ୍ଣ ବିଜୟୀ ରାୟଗଡ଼ା ଦଳକୁ ସ୍ୱାଗତ

ରାୟଗଡ଼ା,୧୭।୯ (ଭାଗ୍ୟଶ୍ରୀ ମିଶ୍ର)

**ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା**

ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ରାୟଗଡ଼ା ଜିଲା ବାଳିକା ଦଳକୁ ସ୍ଥାନୀୟ ରେଳ ଷ୍ଟେସନରେ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା ରବିବାର ସ୍ୱାଗତ କରିଛନ୍ତି। ଏହି ସମୟରେ ଏଡିଇଓ ଭଜନଲାଲ ମାଝି, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ବରିଷ୍ଠ ଶିକ୍ଷକ ତଥା ଉପଦେଷ୍ଟା ଶଶିଭୂଷଣ ପଟ୍ଟନାୟକ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ହରିହର ପାତ୍ର, ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁନୀଲ ଚନ୍ଦ୍ର ମହାନ୍ତ, ଜଗଦମ୍ବା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର କଡମ୍ବାଲୁ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଯୋଗ୍ୟ, ବାଲେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା ଫାଇନାଲରେ ରାୟଗଡ଼ା ଜିଲା ବାଳିକା ଦଳ ପୁରୀର ବାଳିକା ଦଳକୁ ପରାସ୍ତ କରିଛି। ବାଳିକାମାନଙ୍କ କୋଚ ପାୟଲ ମାଝି, ବାଳକମାନଙ୍କ କୋଚ ଜୟକୃଷ୍ଣ ପାତ୍ର, ସନ୍ତୋଷ ନାୟକଙ୍କ ତତ୍ତ୍ୱାବଧାନରେ ଜିଲାରୁ ବାଳିକାମାନେ ଏହି ଖେଳରେ ସାମିଲ ହୋଇଥିଲେ। କୋଲନରା ବ୍ଲକ ଅଧୀନ କୈଳାସପୁର ମଙ୍ଗଳ ବିଭାଗ ଉଚ୍ଚ ବିଦ୍ୟାଳୟର ରିଙ୍କୁ କାଦ୍ରାକା, ସୁଭାଷିନୀ କୁମ୍ବିକା, ରଞ୍ଜିତା ହେପୃକା, ଅନସୂୟା କିଲାକା, ପୂଜାରୀଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ତ୍ରିଶା ପେରସିକା, କରିସ୍ମା ହାରିକା, ସୋନାଲୁ କଲକା ଓ ଜଗଦମ୍ବା ଉଚ୍ଚ ବିଦ୍ୟାଳୟର ଯସ୍ମିତା କିଲାକା, ସାବିତ୍ରୀ କାଦ୍ରାକା, ମନୀଷା ୱାଡ଼କା, ରାଜେଶ୍ୱରୀ କଣ୍ଡାଗୋରୀ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମୁନିଙ୍ଗର ଶିବନ୍ତି ଗଣ୍ଟା ବାଳିକା ଟିମ୍‌ରେ ଥିଲେ।



ରାୟଗଡ଼ା ଷ୍ଟେଶନରେ ବିଜୟୀ ବାଳିକା ଦଳ ।

# ଆଦିବାସୀ ସାଂସ୍କୃତିକ ଭବନର ଭୂମିପୂଜା


ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି ।

ଟିକିରି, ୧୭।୯(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡୁଡୁକାବାହାଲ ପଞ୍ଚାୟତ ଅଧୀନ ତୋଟାଗୁଡ଼ା ଛକରେ ଆଦିବାସୀ ସାଂସ୍କୃତିକ ଭବନ ଶିଳାନ୍ୟାସ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବ୍ଲକ ଅଧ୍ୟକ୍ଷ କଣ୍ଡମାଝି ଉପସ୍ଥିତ ରହି ଶିଳାନ୍ୟାସ କରିଥିଲେ। ତୋଟାଗୁଡ଼ା ଛକରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶୋଭାଯାତ୍ରାରେ ବାହାରି ଡୁଡୁକାବାହାଲ ଠାକୁରାଣୀ ତୋଟାଠାରେ ପହଞ୍ଚି ଶିଳାନ୍ୟାସ କରିଥିଲେ। ସଭାସ୍ଥଳରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୨ହଜାର ଲୋକ ଉପସ୍ଥିତ ଥିଲେ।

### ମା’ ଦକ୍ଷିଣକାଳୀଙ୍କ ପୂଜା ପ୍ରସ୍ତୁତି ବୈଠକ

ଗୁଣପୁର, ୧୭।୯(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣୁପୁର ଆଇଟିଡିଏ ଅଫିସ ନିକଟରେ ହେବାକୁ ଥିବା ମା’ ଦକ୍ଷିଣକାଳୀଙ୍କ ୧୭ତମ ପୂଜା ଉପଲକ୍ଷେ ରବିବାର ଏକ ପ୍ରସ୍ତୁତି ବୈଠକ କରାଯାଇଛି। କାଳୀପୂଜା ମଣ୍ଡପରେ ଅନୁଷ୍ଠିତ ବୈଠକରେ ୭ ଦିନ ଧରି ମା’ଙ୍କ ପୂଜା ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯିବାକୁ ସ୍ଥିର ହୋଇଛି। ଶୁଭଖୁଣ୍ଟି ସ୍ଥାପନ ଦିନ ୨ୟ ପ୍ରସ୍ତୁତି ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଭାପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ କମିଟିର



ବରିଷ୍ଠ ସଦସ୍ୟ ପ୍ରଭାତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଜୟ ସୁନାମୁଦି, ଅଜିତ ପଣ୍ଡା, ମୁନା ପାଢ଼ୀ, ବାବୁଲି ଖାଡ଼ଙ୍ଗା, ବିମଳ ମିଶ୍ର, ଗଜା ପାଳ, ଶ୍ରୀନିବାସ ସାହୁ, ଗଣେଶ୍ୱର ଶତପଥୀ, ପ୍ରଭାତ ମହାପାତ୍ର, ବିରଞ୍ଚି ପାଣିଗ୍ରାହୀ, ଅରୁଣ ଚୌଧୁରୀ, ଅଶୋକ ଚୌଧୁରୀ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଭାତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

ବ୍ରହ୍ମପୁର,୧୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲି ନିକଟ ଭିଆଇପି କଲୋନୀରେ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୃହକର୍ତ୍ତା ବିନୋଦ କୁମାର ପାଣିଗ୍ରାହୀ ସପରିବାର ବିଶ୍ୱକର୍ମା ପୂଜା ସ୍ଥଳକୁ ଯାଇଥିବା ବେଳେ ଘରେ ନିଆଁ ଲାଗିଯାଇଥିବା ଖବର ପାଇଥିଲେ। ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି। ସେହିପରି ଏହି ଅଗ୍ନିକାଣ୍ଡରେ ଘର ଭିତରେ ଥିବା ଏସି, ଫ୍ୟାନ ଓ ସିଲେଇ ମେସିନ ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଛି।

# ବର୍ଷେ ନ ପୂରୁଣୁ ରାସ୍ତାରୁ ଉଠିଯାଉଛି ପିଚୁ

ରାୟଗଡ଼ା,୧୭।୯(ଆଶିଷ ରଞ୍ଜନ ପଣ୍ଡା)

- ନିମ୍ନମାନର କାମ ଚାଲିଥିବା ଅଭିଯୋଗ
- କାର୍ଯ୍ୟ ତଦାରଖ କରୁନାହାନ୍ତି ପୂର୍ତ୍ତ ବିଭାଗୀୟ ମୁଖ୍ୟ

ପୂର୍ତ୍ତ ବିଭାଗ ରାସ୍ତାରେ ନିର୍ମାଣର ବର୍ଷକ ମଧ୍ୟରେ ଗର୍ତ୍ତ ସୃଷ୍ଟି ହେଉଛି। ଏହି ଗାତ ଭରିବା ପାଇଁ ମରାମତି କାମ ଚାଲିଛି। ତାଳିପକା କାମ ବର୍ଷା ଋତୁରେ ଚାଲିଛି। ସହରର କୋରାପୁଟ ଛକରୁ ଥାନା ଓ ମେଡ଼ିକାଲ ସମ୍ମୁଖ ଦେଇ ମଝି ଘରିଆଣି ମନ୍ଦିର ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତା ବର୍ତ୍ତମାନ ଶୋଚନୀୟ ହୋଇପଡ଼ିଛି। ନିମ୍ନମାନର କାମ କରି ବିଲ୍ ଉଠାଯାଉଛି। ଏହାର ମରାମତି ପାଇଁ ମଧ୍ୟ ପୁଣିଥରେ ବିଲ୍ କରାଯାଉଛି। ଗାତରେ ପିଚୁ ଓ ଚିପ୍ସ ମିଶାଇ ପକାଇବା ପରେ ତାହା ଉପରେ ଖବରକାଗଜ ଘୋଡ଼ାଇ ବିଭାଗୀୟ ଅଧିକାରୀ ଦୁର୍ନୀତି ଲୁଚାଉଥିବା ଅଭିଯୋଗ ହୋଇଛି।

ଦୁଇ କିଲୋମିଟରର ରାସ୍ତାରେ ସୃଷ୍ଟି ହୋଇଛି ଅନେକ ଗାତ। ବର୍ଷେ ପୂର୍ବରୁ ଏହି ରାସ୍ତା ନିର୍ମାଣ ହୋଇଥିଲା। ନିମ୍ନମାନର କାମ ଯୋଗୁ ଏହିଭଳି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆମ୍ବୁଲାନ୍ସ ଯିବା ପାଇଁ ମଧ୍ୟ ଭଲ ରାସ୍ତା ଖଣ୍ଡିଏ ନାହିଁ। ରାସ୍ତା ନିର୍ମାଣ ନିମ୍ନମାନର କରି ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ରାସ୍ତା ଖରାପ ହେଲେ ପୁଣି ଥରେ ମରାମତି ନାଁରେ ବିଲ କରାଯାଉଛି। ଉକ୍ତ ମରାମତି କାମ ମଧ୍ୟ ନିମ୍ନମାନର। ବର୍ତ୍ତମାନ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଳିପକା କାମରେ ପିଚୁ ଓ ଚିପ୍ସ ମିଶାଇ ବାହାରୁ ଆଣି ଗାତରେ ପକାଯାଉଥିବା ଦେଖିବାକୁ ମିଳିଛି। ମାତ୍ର ମାସକ ମଧ୍ୟରେ ପୁଣି ଅନୁରୂପ ଅବସ୍ଥା ହେବ ବୋଲି ଜଣେ ଯନ୍ତ୍ରୀ ନିଜ ନାମ ଗୋପନ ରଖି କହିଛନ୍ତି। ସେ ବିଭାଗରେ କାର୍ଯ୍ୟରତ ଥିବାରୁ ଅଧିକା କିଛି ସୂଚନା ଦେଇ ନାହାନ୍ତି। କାମର ପଦ୍ଧତି ଭୁଲ ରହିଛି ବୋଲି କହିଛନ୍ତି। ପିଚୁ ପକାଇବା ପରେ ରୋଲର ଗଡ଼ାଇବା ବଦଳରେ ସେମିତି ଛାଡ଼ି ଦିଆଯାଉଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାହିଁକି କାର୍ଯ୍ୟର ତଦାରଖ କରୁନାହାଁନ୍ତି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପୂର୍ତ୍ତ ବିଭାଗରେ ହେଉଥିବା ଦୁର୍ନୀତି ପଦାକୁ ଆସିବ ବୋଲି ଲୋକେ କହିଛନ୍ତି। ତେବେ ନିମ୍ନମାନର ରାସ୍ତା ନିର୍ମାଣ ଓ ତାଳି ପକାଇବା ପରେ ରୋଲର ନଗଡ଼ାଇବାର କାରଣ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରମୋଦ ଧରଙ୍କୁ ପଚାରିବାରୁ ସେ ଏବିଷୟରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ଠାରୁ ବୁଝିବେ ବୋଲି କହିଛନ୍ତି। କାମ ଚାଲୁଥିବାବେଳେ ବିଭାଗୀୟ ଅଧିକାରୀମାନେ ସେଗୁଡ଼ିକର ପ୍ରତ୍ୟେକ୍ଷ ତଦାରଖ କରୁ ନ ଥିବା ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଏହି ମତାମତର ସ୍ପଷ୍ଟ ଜଣାପଡୁଛି।



ମେଡ଼ିକାଲ ଛକରେ ପିଚୁ ପକାଇ ରାସ୍ତା ଗାତ ସମାନ କରାଯାଉଛି।

# ‘ପ୍ରଫୁଲ୍ଲ ସାମନ୍ତରା, ନରେନ୍ଦ୍ର ମହାନ୍ତିଙ୍କୁ ଅଞ୍ଚଳରେ ପୂରାଇ ଦେବୁନାହିଁ’



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ

ଟିକିରି,୧୭।୯(ପ୍ରଫୁଲ୍ଲ କୁମାର ବେହେରା)

- ଭାଜପାର ଖବରଦାତା ସମ୍ମିଳନୀ
- ଖଣି ଖନନକୁ ଭାଜପାର ସମର୍ଥନ

ରାୟଗଡା ଜିଲା କାଶୀପୁର ବ୍ଲକରେ ଖଣି ଖନନ ଓ କମ୍ପାନୀ ପ୍ରତିଷ୍ଠାକରି ପ୍ରଧାନମନ୍ତ୍ରୀ ଅଞ୍ଚଳର ବିକାଶ ପାଇଁ ଯୋଜନା କରୁଥିବା ବେଳେ ପ୍ରଫୁଲ୍ଲ ସାମନ୍ତରା, ନରେନ୍ଦ୍ର ମହାନ୍ତି ଓ ଅନ୍ୟ କେତେକ ଲୋକ ବାହାରୁ ଆସି ନିରୀହ ଆଦିବାସୀଙ୍କୁ ହଇରାଣ କରୁଛନ୍ତି। ଏଭଳିକି ଅଞ୍ଚଳରେ ହିଂସାକାଣ୍ଡ ଘଟାଉଛନ୍ତି। ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କାଶୀପୁରରେ ଖବରଦାତା ସମ୍ମିଳନୀ କରି ରବିବାର ଏଭଳି ମତ ଦେଇଛନ୍ତି ଭାରତୀୟ ଜନତା ପାର୍ଟିର ନେତାମାନେ । ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀରେ ଭାଜପା ନେତାମାନେ କହିଛନ୍ତି, ଖଣି ଖନନ ପାଇଁ ଟେଣ୍ଡର ମାଧ୍ୟମରେ ଅଧିକ ଦରରେ କମ୍ପାନୀଗୁଡିକ ବିଡ୍‌ରେ ଲିଜ୍ ନେଉଛନ୍ତି। ଏହାଦ୍ୱାରା ଦେଶର ଆର୍ଥିକ ଅଭିବୃଦ୍ଧି ହେବା ସହିତ ଅଞ୍ଚଳର ଲୋକଙ୍କ ବିକାଶ ହେବ। ତେଣୁ ଏସବୁକୁ ବନ୍ଦ କରିବାକୁ ବାହାର ଅଞ୍ଚଳର ପ୍ରଫୁଲ୍ଲ ସାମନ୍ତରା ଓ ଅନ୍ୟମାନେ ଆସି ନିରୀହ ଆଦିବାସୀଙ୍କୁ ପ୍ରବର୍ତ୍ତାଇବା ସହ ହିଂସାକାଣ୍ଡ ଘଟାଉଛନ୍ତି । ତେଣୁ ଏସବୁକୁ ଆଉ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଭାଜପା ନେତାମାନେ କହିଛନ୍ତି। ଏଥି ସହିତ ପ୍ରଶାସନ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଦାବି କରିଛି ।

# ୨୬ରୁ ସମୂହ ଛୁଟିରେ ଯିବା ଚେତାବନୀ

ରାୟଗଡ଼ା,୧୭।୯(ଆଶିଷ ରଞ୍ଜନ ପଣ୍ଡା)

**ଏନ୍‌ପିଏସ୍ ଶିକ୍ଷକ ସଂଘର ୨ ଦଫା ଦାବିପତ୍ର ପ୍ରଦାନ**

ଏନ୍‌ପିଏସ ସଂଘ ପକ୍ଷରୁ ୨ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପ୍ରଦାନ କରିଥିଲେ। ସଂଘର ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ଜିଲାର ୧୧ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ଉକ୍ତ ଦାବିପତ୍ରରେ ୬ ବର୍ଷ ଚୁକ୍ତି ଅବଧିକୁ ନିୟମିତ କରିବା ଏବଂ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ଉଲ୍ଲେଖ ରହିଛି । ଯଦି ରାଜ୍ୟ ସରକାର ଏହି ଦୁଇଟି ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ୨୬ ତାରିଖରୁ ସଂଘର କର୍ମକର୍ତ୍ତା ମୂହ ଛୁଟିରେ ଯାଇ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘ ଉପସଭାପତି ନିହାରିକା ବିଡ଼ିକା, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ତାମାରାପୁ, ଗଣେଶ ପଣ୍ଡା ଓ ସମ୍ପାଦକ ଚିନ୍ମୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଏନ୍‌ପିଏସ ଶିକ୍ଷକ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ବିଏମ୍‌ଏସ୍‌ର ରାଷ୍ଟ୍ରୀୟ ଶ୍ରମିକ ଦିବସ

ରାୟଗଡ଼ା,୧୭।୯ (ଭାଗ୍ୟଶ୍ରୀ ମିଶ୍ର)

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ କରିଛି। ଏହି ଅବସରରେ ରାୟଗଡ଼ା ଜିଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ଗାନ୍ଧୀ ପାର୍କ ନିକଟରୁ ବିଶ୍ୱକର୍ମା ଏବଂ ଭାରତ ମାତାଙ୍କ ରଥକୁ ସଂକୀର୍ତ୍ତନ ସହ ବିରାଟ ପଟୁଆରରେ ନେଇ ସହର ପରିକ୍ରମା କରାଯାଇଛି। ପରେ ସ୍ଥାନୀୟ ଟାଉନ୍ ହଲରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବିଶ୍ୱକର୍ମା, ଭାରତ ମାତା, ସଂଘ ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡୀ ଜିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରମିକ ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଶ୍ଚିମ ପ୍ରାନ୍ତଃ ସେବା ପ୍ରମୁଖ ଦିପକ କୁମାର ରାଉତ, ବିଏମ୍‌ଏସ୍ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ଅତିଥିଭାବେ ଯୋଗଦେଇଥିଲେ। ମୃତ ଶ୍ରମିକଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଛି। ସରକାର ଅଙ୍ଗନୱାଡି, ଆଶା କର୍ମୀ, ପାଚିକା, ଆଶା ସାଥୀ, ଠିକା ଶ୍ରମିକ, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଅଣଦେଖା କରଛନ୍ତି। କଳକାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କୁ ଛଟେଇ କରାଯାଉଥିବା ଭଳି ବିଭିନ୍ନ ସମସ୍ୟାକୁ ନିନ୍ଦାକରାଯାଇଥିଲା। ଜିଲା ସଭାପତି ମହନ ରାଓ ମାଝି ଏବଂ ଜିଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ୍, ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ , ବିଶ୍ୱକର୍ମା ମଜଦୁର ସଂଘ, ରାୟଗଡ଼ା ଜିଲା ବ୍ୟବସାୟ ମଜଦୁର ସଂଘ, ରାୟଗଡ଼ା ଜିଲା ସଫେଇ ମଜଦୁର ସଂଘ, ଉତ୍କଳ ଆଲୁମିନା ମଜଦୁର ସଂଘ , ଜେ କେ ପେପର ମିଲ ମଜଦୁର ସଂଘ, ଇମ୍ପା ଶ୍ରମିକ ସଂଘ, ଇମ୍ପା ଠିକା ମଜଦୁର ସଂଘ, ପାଚିକା ସଂଘ , ରାୟଗଡ଼ା ଜିଲା ହୋଟେଲ କର୍ମଚାରୀ ସଂଘ, ରାୟଗଡ଼ା ଜିଲା ପରିବା ବ୍ୟବସାୟ ସଂଘ ଏବଂ ୧୧ ବ୍ଲକରୁ ୨ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



ଶୋଭାଯାତ୍ରାରେ ବିଏମ୍‌ଏସ୍ ସଦସ୍ୟମାନେ ସହର ପରିକ୍ରମା କରୁଛନ୍ତି।

**୧୫ ହାଇସ୍କୁଲ ଶିକ୍ଷକଙ୍କୁ ୧୫ ପ୍ରାଥମିକ ବିଦ୍ୟାଳୟ ଦାୟିତ୍ୱ**

ନନ୍ଦପୁର, (ଶଙ୍କର ପୂଜାରୀ)-ତିନି ଦଫା ଦାବି ନେଇ ଶିକ୍ଷକ ସଂଘର ଚାଲିଥିବା ଧାରଣାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ଶିକ୍ଷାଧିକାରୀ ବିକଳ୍ପ ବ୍ୟବସ୍ଥା କରିବାକୁ ଗୋଷ୍ଠୀ ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁସାରେ ନନ୍ଦପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ବ୍ଲକରେ ଥିବା ୨୧ଉଚ୍ଚ ବିଦ୍ୟାଳୟରୁ ୯ଟି ଉଚ୍ଚ ବିଦ୍ୟାଳୟର ୧୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ୧୫ଟି ପ୍ରାଥମିକ ବିଦ୍ୟାଳୟ ଚାଲୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବ୍ଲକ ଶିକ୍ଷକ ସଂଘ ସଭାପତି ସନିଆ ମୁଦୁଲି ବିଭାଗର ଏପରି ବିଭାଜନ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ବ୍ଲକରେ ବନ୍ଦ ପଡିଥିବା ୧୬୬ ବିଦ୍ୟାଳୟ ମଧ୍ୟରୁ ମାତ୍ର ୧୫ଟି ବିଦ୍ୟାଳୟକୁ ଚାଲୁକରି ବିଭାଗୀୟ କର୍ତ୍ତୃପକ୍ଷ ଆମର ଆନ୍ଦୋଳନକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଆଶ୍ରମପୁଟ ପୋଲ ଧୋଇନେବା ଘଟଣା
### ନିର୍ମାଣ ହେଲା ଅସ୍ଥାୟୀ ରାସ୍ତା



**ନନ୍ଦପୁର, ୧୭।୯ (ଶଙ୍କର ପୂଜାରୀ)**

ଲଗାଣ ବର୍ଷାରେ ନନ୍ଦପୁର ବ୍ଲକ ବାଞ୍ଜଲାପୁଟ-ହାତୀବାରୀ ସଂଯୋଗ କରୁଥିବା ଆରଡି ରାସ୍ତାର ଆଶ୍ରମପୁଟ ନିକଟସ୍ଥ କଲଭର୍ଟ (ପୋଲ) ଧୋଇ ହୋଇଯାଇଥିଲା। ଫଳରେ ବୁଧବାରଠାରୁ ଏହି ରାସ୍ତାରେ ଗାଡ଼ିମୋଟର ଯାତାୟାତ ପ୍ରଭାବିତ ହୋଇଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଟେଣ୍ଡର ପ୍ରକ୍ରିୟା ସରି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଏହାର ଟେଣ୍ଡର ନେଇ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରି ଉକ୍ତ ରାସ୍ତାରେ ଅସ୍ଥାୟୀ ରୂପେ ଯାତାୟାତ ସ୍ୱାଭାବିକ କରିବା ଲାଗି ସୁନାବେଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଥିଲା। ଫଳରେ ସମ୍ପୃକ୍ତ ଠିକାଦାର ଏଠାରେ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିଲେ। ରବିବାରଠାରୁ ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଛି। ବର୍ତ୍ତମାନ ଏହି ରାସ୍ତାରେ ଦୁଇ ଓ ତିନିଚକିଆ ଯାନ ଯାତାୟାତ କରୁଥିବା ଯନ୍ତ୍ରୀ ଜୟନ୍ତ ସାହୁ କହିଛନ୍ତି। ଅଳ୍ପ ଦିନ ମଧ୍ୟରେ ନୂତନ କଲଭର୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ।

### ଅଲ୍ ଇଣ୍ଡିଆ ଫର୍ୱାର୍ଡ ବ୍ଲକ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**କୋରାପୁଟ,୧୭।୯(ଅମିତାଭ ବେହେରା)**

ଅଲ ଇଣ୍ଡିଆ ଫର୍ୱାର୍ଡ ବ୍ଲକ କୋରାପୁଟ ଜିଲ୍ଲା କମିଟି ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିଗୁଡିକ ମଧ୍ୟରେ ଜଙ୍ଗଲ ଜମିରେ ବସବାସ କରୁଥିବା ଆଦିବାସୀ ଏବଂ ଦୀର୍ଘ ବର୍ଷ ଧରି ଦଖଲରେ ଥିବା ଅଧିବାସୀଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବା, ପ୍ରତ୍ୟେକ ଭୂମିହୀନ ପରିବାରଙ୍କୁ ସର୍ବନିମ୍ନ ୧୦ ଡେସିମିଲ ଜମିପଟ୍ଟା ଦେବା, ସମସ୍ତ ବାସହୀନଙ୍କୁ ଚିହ୍ନଟ କରାଯାଇ ମାସିକ ୩୦୦୦ ଟଙ୍କା ଭତ୍ତା ଦେବା, ଚାଷୀଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା, କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା, କୋଲାବ ମାଛକୁଣ୍ଡ, ବାଲିମେଲା ଏବଂ ଇନ୍ଦ୍ରାବତୀ ସମେତ ଅନ୍ୟାନ୍ୟ ପ୍ରକଳ୍ପ ନିମନ୍ତେ ବିସ୍ଥାପିତ ହୋଇଥିବା ପରିବାରଙ୍କୁ ଚିହ୍ନଟକରି ତୁରନ୍ତ ଥଇଥାନ କରିବା, ସେମାନଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଇଦେବା, ପିସି କାରବାର ବନ୍ଦ କରିବା, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ନଦେବା ପର୍ଯ୍ୟନ୍ତ ମାସିକ ୩୦୦୦ ଟଙ୍କା ଲେଖାଏ ବେକାରି ଭତ୍ତା ଦେବା ସହ ୨୦ଟି ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ଫର୍ୱାର୍ଡ ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ଖିଲ, ସମ୍ପାଦକ ଶମ୍ଭୁପ୍ରସାଦ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜଙ୍ଗଲରେ ହତ୍ୟା କରି ଫିଙ୍ଗି ଦେଲେ

**ପଟ୍ଟାଙ୍ଗି,୧୭।୯(ଶରତ ଧଳ)**

ଘରୁ ଡାକି ନେଇ ଜଙ୍ଗଲରେ ହତ୍ୟା କରି ଜଣେ ବ୍ୟକ୍ତିଙ୍କୁ ଫିଙ୍ଗି ଦେବା ପରି ଘଟଣା ରବିବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ତଥା ସୁଙ୍କି ଥାନା ଅନ୍ତର୍ଗତ ଜୋଡିମାଦିଲି ଗ୍ରାମରେ ଦେଖିବାକୁ ମିଳିଛି। ଖବର ଜାଣିବା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଏହାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

ଖବରରୁ ଜଣାପଡିଛି, ଜୋଡିମାଦିଲି ଗ୍ରାମର ତାଡିଙ୍ଗି ଆପାନା ନିଜ ଘରେ ଏକା ରହିଥିବା ବେଳେ ସ୍ତ୍ରୀ ବାଡେଙ୍ଗି ରତ୍ନାଲ ଚାଷଜମିକୁ ଯାଇଥିଲେ। ଚାଷଜମିରୁ ଫେରି ସେ ସ୍ୱାମୀ ଆପନାଙ୍କୁ ଦେଖିବାକୁ ପାଇ ନ ଥିଲେ। ସାହି ପଡିଶାଙ୍କୁ ପଚାରି ତାଙ୍କ ମୋବାଇଲକୁ ଫୋନ କରିଥିଲେ। ମୋବାଇଲ ରିଂ ହେଉଥିଲେ ସୁଦ୍ଧା ସେ ଉଠାଉ ନ ଥିବାରୁ ବାଡେଙ୍ଗି ବ୍ୟସ୍ତ ହୋଇ ପଡିଥିଲେ। ଏହି ସମୟରେ ଗ୍ରାମର କିଛି ଯୁବକ ମାଡାୱାଲସା ଗ୍ରାମ ନିକଟରେ ଗୋରୁ ଚରାଉଥିବା ବେଳେ ଗ୍ରାମକୁ ଫେରି ଆପନାଙ୍କ ସ୍ତ୍ରୀ ବାଡେଙ୍ଗିଙ୍କୁ ଆପନା ଗ୍ରାମର ଜଙ୍ଗଲ ଆଡକୁ ଯାଉଥିବା ଦେଖିଥିବା କହିଥିଲେ। ପରେ ବାଡେଙ୍ଗି ଏବଂ ସମ୍ପର୍କୀୟମାନେ ଆପାନାଙ୍କୁ ଜଙ୍ଗଲ ଯାଇ ଖୋଜାଖୋଜି କରିଥିଲେ। ଏହି ସମୟରେ ଏକ ସ୍ଥାନରେ

**ସାଇଟିଫିକ୍ ଟିମ୍, ପୋଲିସର ତନାଘନା**

ଆପନା ରକ୍ତାକ୍ତ ହୋଇ ପଡିଥିବା ଏବଂ ତାଙ୍କର ମୃତ୍ୟୁ ହୋଇସାରିଥିବା ଦେଖିବାକୁ ପାଇଥିଲେ। କେହି ତାଙ୍କୁ ଘରୁ ଡାକି ଆଣି ଏପରି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପରେ ବାଡେଙ୍ଗି ଓ ସମ୍ପର୍କୀୟମାନେ ଗ୍ରାମବାସୀ, ସରପଞ୍ଚ ଏବଂ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟାଙ୍କୁ ଖବର ଦେଇଥିଲେ। ଖବର ପାଇ ଗ୍ରାମବାସୀ, ସରପଞ୍ଚ ଏବଂ ଉପାଧ୍ୟକ୍ଷ କଟା ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପରେ ଉପାଧ୍ୟକ୍ଷ କଟା ପଟ୍ଟାଙ୍ଗି ପୋଲିସ ନିକଟରେ ଲିଖିତ ଅଭିଯୋଗ କରିବାରୁ ପୋଲିସ କୋରାପୁଟରୁ ସାଇଟିଫିକ୍ ଟିମ୍ ଖବର ଦେଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ହତ୍ୟା ସମ୍ପର୍କରେ ସ୍ତ୍ରୀ ବାଡେଙ୍ଗିଙ୍କୁ ପଚାରି ବୁଝିଛି। ପୋଲିସ ଘଟଣା ସ୍ଥଳରୁ ମୃତଦେହ ଜବତ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ନିମନ୍ତେ ରଖିଛି। ବିଳମ୍ବିତ ସନ୍ଧ୍ୟା ହୋଇ ଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ। କେସ ନଂ. ୧୧୭/୨୩ରେ ମାମଲା ରୁଜୁ ହୋଇଛି।



ଦାମନଯୋଡିରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟଠାରେ ପୂଜା ପାଉଥିବା ଦେବଶିଳ୍ପୀ ।

# ଶୋଭାଯାତ୍ରାରେ ସଚେତନ କଲେ ଗାଡ଼ି ଚାଳକ

**ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ଚାଳକ ଦିବସ ପାଳିତ**

**କୋରାପୁଟ,୧୭।୯( ଅମିତାଭ ବେହେରା)**

ଓଡ଼ିଶା ମୋଟର ଚାଳକ ସଂଘର କୋରାପୁଟ ଜିଲା ଶାଖା ପକ୍ଷରୁ ରବିବାର ସ୍ଥାନୀୟ କୋଟସ ସଭାଗୃହ ପରିସରରେ ଚାଳକ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ରଘୁରାମ ପଡାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଡ୍ରାଇଭରମାନଙ୍କୁ ଜିଲା ସଦର ମହକୁମାରେ କିପରି ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ସ୍ଥାପନ ହୋଇପାରିବ ସେନେଇ ମୁଁ ସମ୍ପୂର୍ଣ୍ଣ ସହଯୋଗ କରବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ ଯୋଗଦେଇ ରାଜ୍ୟ ସଂଘର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଉପସ୍ଥିତ ୧୬ ଜଣ ବରିଷ୍ଠ ଡ୍ରାଇଭରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ପ୍ରଥମେ ସଂଘର ଶାଖା ସଭାପତି ସତ୍ୟ ପ୍ରକାଶ ଖୋସଲା ଓ ସମ୍ପାଦକ ଅକ୍ଷୟ ରେଡ୍ଡି କୋରାପୁଟ ହାଟପଦାସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପତାକା ଉତ୍ତୋଳନ କରିଥିଲେ। ଜିଲାର ୧୩ଟି ବ୍ଲକ ଶାଖା ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପରେ ଗାଡି ଚଳାଇବାବେଳେ ସିଟ ବେଲଟ ପିନ୍ଧିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ଆଦି ବିଭିନ୍ନ ସ୍ଲୋଗାନ ଦେଇ ଚାଳକମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ଶାଖା ସଭାପତି ଅର୍ଜୁନ ଖରା, ସାଧାରଣ ସମ୍ପାଦକ ଶରତ ଧଳ, ସେମିଳିଗୁଡା ଶାଖା ସଭାପତି ନିଳକଣ୍ଠ ରାଜୁ , ନାରାୟଣପାଟଣାର ରମେଶ ପ୍ରଧାନଙ୍କ ସମେତ ଅନ୍ୟ ଶାଖାର ସଭାପତି ସମ୍ପାଦକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଶାଖାର ଉପ ସଭାପତି ଗୌରୀ ଶଙ୍କର ରାଓ, ବିନୋଦ ପଟ୍ଟନାୟକ, କୋଷାଧ୍ୟକ୍ଷ ବିକ୍ରମ କେଶରୀ ଲିମା, ବିଶ୍ୱରଞ୍ଜନ ସାମଲ, ପ୍ରଦୀପ ଗୌଡ଼ ପରିଚାଳନା କରିଥିଲେ।



ଡ୍ରାଇଭରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

### ଉଦ୍‌ବେଗ ପ୍ରକାଶ କରି ବିଧାୟକଙ୍କୁ ଭେଟିଲେ ଶିକ୍ଷକ

ଜିଲାରେ ହେଉନି ଶିକ୍ଷକଙ୍କ ପଦୋନ୍ନତି

**ଜୟପୁର,୧୭।୯( ପବନ ପାଣିଗ୍ରାହୀ)**

କୋରାପୁଟ ଜିଲାରେ ଶିକ୍ଷକଙ୍କ ପଦୋନ୍ନତି ବିଳମ୍ବ ହେଉଛି। ଏନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରି ମହେଶ୍ୱର ମିଶ୍ର, କିରଣ ମହାରଣାଙ୍କ ନେତୃତ୍ୱରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ଦିଗରେ ପଦକ୍ଷେପ ନେବାକୁ ବିଧାୟକଙ୍କୁ ନିବେଦନ କରିଥିଲେ। ବିଧାୟକ ବାହିନୀପତି ଏ ସମ୍ପର୍କରେ ଫୋନଯୋଗେ ଯୋଗାଯୋଗ କରି ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ପଦୋନ୍ନତି ଶୀଘ୍ର କରିବାକୁ ଶିକ୍ଷା ବିଭାଗ ପକ୍ଷରୁ କୋରାପୁଟ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ନିର୍ଦ୍ଦେଶ ପଠାଯାଇଛି ବୋଲି ସେ ସୂଚନା ଦେଇଥିଲେ। ପ୍ରଥମେ ଜୟପୁର ଉପଖଣ୍ଡର କୁନ୍ଦୁରା, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ ଏବଂ ଜୟପୁରର ସମସ୍ତ ବର୍ଗର ଶିକ୍ଷକ ଗୀତା ଭବନଠାରେ ଏକତ୍ରିତ ହୋଇ ବୈଠକ କରିଥିଲେ। ରାଜ୍ୟର ଅନ୍ୟ ଜିଲାରେ ଶିକ୍ଷକମାନେ ସେମାନଙ୍କ ପଦୋନ୍ନତି ପାଇଥିବା ବେଳେ କୋରାପୁଟ ଜିଲାରେ କାର୍ଯ୍ୟରତ ଶିକ୍ଷକଙ୍କ ପଦୋନ୍ନତି ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତାକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିନ୍ଦା କରିଥିଲେ।

### ସହକାରୀ ଅଧୀକ୍ଷକ ନିଲମ୍ବିତ

**ଜୟପୁର, ୧୭।୯ (ପବନ ପାଣିଗ୍ରାହୀ)**

ହରିଡାପୁଟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ଗାଦବା (୧୩)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାର ବିଭାଗୀୟ ତଦନ୍ତ ପରେ ହଷ୍ଟେଲ ଦାୟିତ୍ୱରେ ଥିବା ସହକାରୀ ଅଧୀକ୍ଷକ ରଞ୍ଜୁବାଳା ସାହୁଙ୍କୁ ଜିଲାପାଳ ନିଲମ୍ବିତ କରିଛନ୍ତି। ଏଥିସହ ଦାୟିତ୍ୱରେ ଅବହେଳା ପାଇଁ ପ୍ରଧାନଶିକ୍ଷୟିତ୍ରୀ କବିତା ଦଳେଇ, ଏଏନ୍ଏମ୍, ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି କହିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଏହି ବିଦ୍ୟାଳୟ ବୋରିଗୁମ୍ମା ଥାନା ଅଧୀନରେ ଥିବାରୁ ବୋରିଗୁମ୍ମା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଜୟପୁର ବ୍ଲକ ଅନ୍ତର୍ଗତ ହରିଡାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ କ୍ରିଷ୍ଣା ଗାଦବାଙ୍କ ଝିଅ ତପସ୍ୱିନୀ। ଗତ ୧୦ ତାରିଖରେ ହଷ୍ଟେଲରେ ସେ ଅସୁସ୍ଥ

**ହରିଡ଼ାପୁଟ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା**

ହୋଇପଡିବାରୁ ତାଙ୍କୁ ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଗ୍ୟାସ ସମସ୍ୟା ରହିଥିବା କହି ଡାକ୍ତର ଔଷଧ ଦେଇ ପଠାଇ ଦେଇଥିଲେ। ରାତିରେ ପୁଣି ତାଙ୍କର ବାନ୍ତି ହୋଇ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ଏନେଇ ତାଙ୍କର ଜଣେ ସହପାଠୀ ମାଟ୍ରନଙ୍କୁ ଜଣାଇଥିଲେ। ମାତ୍ର ମାଟ୍ରନ ରାତିରେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ନ ଜଣାଇ ସକାଳେ ଜଣାଇଥିଲେ। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତପସ୍ୱିନୀଙ୍କୁ ମୃତ ଘୋଷଣା କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ତାଙ୍କ ଝିଅର ମୃତ୍ୟୁ ହେଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଜିଲା ମଙ୍ଗଳ ଅଧିକାରୀ ତାଣ୍ଡି ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ରିପୋର୍ଟକୁ ଭିତ୍ତିକରି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ହୋଇଛି।

# ଛାତ୍ରୀ ମୃତ୍ୟୁ ଘଟଣାର ସମୀକ୍ଷା କଲେ ଜିଲା ପରିଷଦ ଅଧ୍ୟକ୍ଷା

**ଜୟପୁର, ୧୭।୯ (ପବନ ପାଣିଗ୍ରାହୀ)**

ହରିଡାପୁଟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ଗାଦବା (୧୩)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାରେ ରବିବାର କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ବିଦ୍ୟାଳୟରେ ପହଞ୍ଚି ସମୀକ୍ଷା କରିଛନ୍ତି । ଛାତ୍ରୀମାନଙ୍କ ପ୍ରତି ଅବହେଳା ନ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସେ ତାଗିଦ କରିଛନ୍ତି । ଆଗକୁ ଯେପରି ଏପରି ଘଟଣାର ପୁନରାବୃତ୍ତି ନ ଘଟେ ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଅଧ୍ୟକ୍ଷା ମେଲକା ଛାତ୍ରୀ, ଶିକ୍ଷକ ଓ ସେଠାରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଜୟପୁର ବ୍ଲକ ଅନ୍ତର୍ଗତ ହରଡାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ କ୍ରିଷ୍ଣା ଗାଦବାଙ୍କ ଝିଅ ତପସ୍ୱିନୀ। ଗତ ୧୦ ତାରିଖରେ ହଷ୍ଟେଲରେ ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଗ୍ୟାସ ସମସ୍ୟା ରହିଥିବା କହି ଡାକ୍ତର ଔଷଧ ଦେଇ ପଠାଇ ଦେଇଥିଲେ। ରାତିରେ ପୁଣି ତାଙ୍କର ବାନ୍ତି ହୋଇ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ଏନେଇ ତାଙ୍କର ଜଣେ ସହପାଠୀ ମାଟ୍ରନଙ୍କୁ ଜଣାଇଥିଲେ। ମାତ୍ର ମାଟ୍ରନ ରାତିରେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ନ ଜଣାଇ ସକାଳେ ଜଣାଇଥିଲେ। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତପସ୍ୱିନୀଙ୍କୁ ମୃତ ଘୋଷଣା କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ତାଙ୍କ ଝିଅର ମୃତ୍ୟୁ ହେଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମେଲକାଙ୍କ ସହ ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ଜିଲା ପରିଷଦ ସଭ୍ୟା ଅସ୍ତା ନାୟକ, ରଶ୍ମି ରଥ, ତପତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି ଜିଲା ପରିଷଦ ଅଧ୍ୟକ୍ଷା ।

### ବିଏମ୍ଏସ୍ ପକ୍ଷରୁ ରକ୍ତଦାନ ଶିବିର

**ଦାମନଯୋଡ଼ି,୧୭।୯(ରାଧାକାନ୍ତ ସ୍ୱାଇଁ)**

ଶିଳ୍ପାଞ୍ଚଳ ଦାମନଯୋଡିର ଭାରତୀୟ ମଜଦୁର ସଂଘ(ବିଏମ୍ଏସ୍) ପକ୍ଷରୁ ଜାତୀୟ ଶ୍ରମିକ ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ଚିକିତ୍ସାଳୟର ରକ୍ତଭଣ୍ଡାର ଚିକିତ୍ସକ ଡ. ମଧୁସୂଦନ ବଳିୟାରସିଂହ, ଭି. ଗଙ୍ଗାଧର ଓ ତାଙ୍କ ଟିମ୍ ସହାୟତା କରିଥିଲେ। ନାଲ୍କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ, ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ପ୍ରମୋଦ ବେହେରା, ହିମାଂଶୁ ଶେଖର ପଣ୍ଡା ମିଳିତ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ନାଲ୍କୋ କର୍ମଚାରୀ ପବିତ୍ର ସାହୁ ଚଳିତ ଥରକୁ ମିଶାଇ ୧୧୬ଥର ରକ୍ତଦାନ କରି ରେକର୍ଡ ସୃଷ୍ଟି କରିଛନ୍ତି।

### କୋଟପାଡ଼ରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



ଭାଜପା ସଭାପତି ମନମୋହନ ସାମଲ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ।

**କୋଟପାଡ, ୧୭।୯ (କେ. ରାଜଶେଖର ରାଓ)**

କୋରାପୁଟ ଜିଲ୍ଲା କୋଟପାଡ଼ର ଏକ କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ ଉପ ସଭାପତି ବଳଭଦ୍ର ମାଝି ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମେ ଅତିଥିମାନେ କେନ୍ଦୁଗୁଡା ପରଦେଶିଣୀ ମନ୍ଦିର ନିକଟରୁ ସଂକୀର୍ତ୍ତନ ଦଳ ସହ ବାହାରି ରାଧାକୃଷ୍ଣ ମନ୍ଦିରରେ ପହଞ୍ଚି ଦୀପଦାନ କରିଥିଲେ। ପରେ ଏକ ପିତ୍ତଳ ପାତ୍ରରେ ସ୍ୱାଧୀନତା ମାଟି ସଂଗ୍ରହ କରି ସହର ପରିକ୍ରମା କରିଥିଲେ। କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ଉପକୃତ ହେଉଥିବା ୧୮ ପ୍ରକାର କାରିଗରଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କର୍ମକର୍ତ୍ତାମାନେ ରାଜ୍ୟ ସରକାରୀଙ୍କ ମନମୁଖି କାର୍ଯ୍ୟର ସମାଲୋଚନା କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୭୦ ଜଣ ଭାଜପାରେ ଯୋଗ ଦେଇଥିବା ଉପସ୍ଥିତ ରୁପୁ ଭତରା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମେଶ୍ୱର ଜେନା, ଖଗେଶ୍ୱର ପୂଜାରୀ, ସୁନୀଲ ତ୍ରିପାଠୀ, ବିନାୟକ ଆଚାର୍ଯ୍ୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଧାରଣାରତ ଶିକ୍ଷକଙ୍କୁ ଭେଟିଲେ ରାଜ୍ୟ ଭାଜପା ସଭାପତି

**କୁନ୍ଦୁରା,୧୭।୯ (ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ବିଭିନ୍ନ ଦାବି ନେଇ ଧାରଣା ଜାରି ରଖିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ପାଠିକା ସଂଘକୁ ରବିବାର ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଭେଟିଛନ୍ତି। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଭାବେ ଶିକ୍ଷକଙ୍କ ରହିଥିବା ୨୩ବର୍ଷର ଦାବିକୁ ଶୀଘ୍ର ପୂରଣ କରିବାକୁ ସରକାରଙ୍କୁ ବାଧ୍ୟ କରାଯିବ ବୋଲି ଏହି ଅବସରରେ ସାମଲ କହିଥିଲେ। ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ତାଲା ପଡ଼ିବାର ୯ ଦିନ ବିତି ଯାଇଥିଲେ ସୁଦ୍ଧା ସରକାର ଶିକ୍ଷାର ବିକାଶ ପାଇଁ ଆନ୍ତରିକତା ପ୍ରକାଶ ନ କରିବା ରାଜ୍ୟ ପାଇଁ ଶୁଭ ସଙ୍କେତ ନୁହେଁ ବୋଲି ସେ କହିଥିଲେ। ସରକାର ଯେତେ ଚାପ ପକାଇଲେ ମଧ୍ୟ ଏଥିରେ ଭୟଭୀତ ନ ହୋଇ ଦାବି ପୂରଣ ହେବା ପର୍ଯ୍ୟନ୍ତ ଲଢେଇ ଜାରି ରଖିବାକୁ ପାମର୍ଶ ଦେଇ ସବୁବେଳେ ରାଜ୍ୟ ଭାଜପା ଶିକ୍ଷକମାନଙ୍କ ସହିତ ରହିଛି। ଆଗାମୀ ନିର୍ବାଚନରେ ଯଦି ଭାଜପା ସରକାର ଆସେ ତେବେ ପ୍ରଥମେ ଶିକ୍ଷକଙ୍କ କଥା ବୁଝିବୁ ବୋଲି ସେ କହଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ସମ୍ପାଦକ ସରୋଜ କର, ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ,ମିଡ଼ିଆ ସେଲ ସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲା ଉପ ସଭାପତି ବୈଦ୍ୟ ମିଶ୍ର, ଦିଗାପୁର ମଣ୍ଡଳର ବଦ୍ରି ନାରାୟଣ ଆଚାର୍ଯ୍ୟ,ବଳଭଦ୍ର ମାଝୀ,ରାଜ୍ୟ ମହିଳା କାର୍ଯ୍ୟ କାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ, କାଳିରାମ ମାଝୀ, ସୁନ୍ଦର ମାଳି ଉପସ୍ଥିତ ଥିଲେ।

# ଓଡ଼ିଶା ଅମଲା ସଂଘ ସାଧାରଣ ପରିଷଦ ବୈଠକ

**ଜୟପୁର,୧୭।୯ (ପବନ ପାଣିଗ୍ରାହୀ)**

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖାର ସାଧାରଣ ପରିଷଦ ବୈଠକ ଜୟନଗରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଛି। ପ୍ରଥମେ ସେଠାରେ ବିଶ୍ୱକର୍ମା ଦେବଙ୍କ ପୂଜାର୍ଚ୍ଚନା ପରେ ସୁର ଘୁଙ୍ଗୁରର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଜିଲା ସଭାପତି ଶଶୀଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ବସିଥିବା ଏହି ବୈଠକରେ ଶତାଧିକ ଅମଲା ଯୋଗ ଦେଇଥିଲେ। ରାଜ୍ୟ ସଂଘ ସଭାପତି, ଉପସଭାପତି, ଉପଦେଷ୍ଟା, ଆଞ୍ଚଳିକ ସମ୍ପାଦକ ମଧ୍ୟ ଉପସ୍ଥିତ ଥିଲେ। ପ୍ରଥମତଃ ଅମଲାଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ ପେ ପ୍ରଦାନ କରିବା ନେଇ ସରକାର ବିଳମ୍ବ କରୁଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଚଳିତ ମାସ ଶେଷ ସୁଦ୍ଧା ସରକାର ଯଦି ଅମଲାଙ୍କ ଦାବି ପୂରଣ ନ କରନ୍ତି ତେବେ ପୁଣି ଥରେ ରାଜ୍ୟ ବ୍ୟାପୀ ଆନ୍ଦୋଳନ ହେବ ବୋଲି ରାଜ୍ୟ ଅମଲା ସଂଘ ସଭାପତି ଜ୍ଞାନ ରଞ୍ଜନ ଦାଶ କହିଥିଲେ। ମୁଖ୍ୟତଃ ଅମଲା ସଂଘ କୋରାପୁଟ ଜିଲା ଶାଖାର ପୂର୍ବତନ ସଭାପତି ଓ ସମ୍ପାଦକ ସଂଘରୁ ବହିସ୍କୃତ ହେବା ପରେ ମଧ୍ୟ ନୂତନ କମିଟି ଗଠିତ ହୋଇ ଶଶୀଭୂଷଣ ଦାଶ ସଭାପତି ହୋଇଥିଲେ। ପରେ ରାଜ୍ୟ ସାଧାରଣ ସମ୍ପାଦକ ଓ ସଭାପତିଙ୍କ ଉପସ୍ଥିତିରେ ନିର୍ବାଚନ ହୋଇଥିଲା। ବହିସ୍କୃତ କର୍ମକର୍ତ୍ତାମାନେ ଏଯାଏ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଯେହେତୁ ପୁରୁଣା କମିଟି ରାଜ୍ୟ ସଂଘକୁ ବିରୋଧ କରି ସମ୍ବିଧାନର ଉଲ୍ଲଂଘନ କରିଆସୁଛନ୍ତି , ସଂଘର କୌଣସି କାର୍ଯ୍ୟକ୍ରମରେ ଯୋଗଦାନ କରୁନାହାନ୍ତି ସେମାନଙ୍କୁ ରାଜ୍ୟ ସଂଘ କେବେ ମଧ୍ୟ ଗ୍ରହଣ କରିବ ନାହିଁ ବୋଲି ଉପସ୍ଥିତ ରାଜ୍ୟ ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। ବୈଠକରେ ଅତିଥି ଭାବେ ଜୟପୁର ଶିକ୍ଷା ଶିଳ୍ପ ତାଲିମ ପ୍ରତିଷ୍ଠାନ ଅଧ୍ୟକ୍ଷ ସୋରେନ, ଶ୍ରୀନାଥ ମିଶ୍ର, ସୁରେନ୍ଦ୍ର ପଟ୍ଟନାୟକ, ଗୋରୀ ପଣ୍ଡା, ଜ୍ୟୋତି ରାଣି ପଣ୍ଡା, ରୁପ କେଶରୀ ଦଳେଇ, ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ଜ୍ଞାନ ରଞ୍ଜନ ଦାଶ, କୀର୍ତ୍ତି ରଞ୍ଜନ ନାୟକ, ଶ୍ୟାମସୁନ୍ଦର ନାୟକ, କିଶୋର ଚନ୍ଦ୍ର ସାହୁ, ଅଜୟ ନାୟକ, ପର୍ଶୁରାମ ପାତ୍ର ସୁକାନ୍ତ ସାହୁ, ସିଦ୍ଧେଶ୍ୱରୀ ବେନିଆ ଯୋଗ ଦେଇଥିଲେ।



ବୈଠକରେ ମଞ୍ଚାସୀନ ସଂଘ କର୍ମକର୍ତ୍ତାମାନେ।

# ଶୁଣିଲାନି ପ୍ରଶାସନ: ଶ୍ରମଦାନ କରି ରାସ୍ତା ମରାମତି କଲେ ଗ୍ରାମବାସୀ

**ଦଶମନ୍ତପୁର,୧୭।୯(ଅରବିନ୍ଦ ନାୟକ)**

ଗ୍ରାମ ରାସ୍ତା ନିର୍ମାର କରିବାକୁ ଅନେକ ଥର ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ଜଣାଇଥିଲେ ମଧ୍ୟ ପ୍ରଶାସନ ନ ଶୁଣିବାରୁ ଶେଷରେ ଗ୍ରାମବାସୀ ଶ୍ରମଦାନ କରି ଗ୍ରାମ ରାସ୍ତା ନିର୍ମାଣ କରିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର କେ. ଦଣ୍ଡାବାଡ଼ ଗ୍ରାମରେ। ଗ୍ରାମଟି ଆରଡି ଛକଠାରୁ ପ୍ରାୟ ୭୦୦ ମିଟର ଦୂରରେ ରହିଛି। ଗ୍ରାମରେ ୨ ସାହିର ୨୦୦ ପରିବାର ବସବାସ କରନ୍ତି। ବର୍ଷା ଋତୁ ପୂର୍ବରୁ ଆମେ ପ୍ରତ୍ୟେକ ବର୍ଷ ଗ୍ରାମ ରାସ୍ତା ନିର୍ମାଣ କରିବାକୁ ପ୍ରଶାସନକୁ ଜରାଇ ଆସୁଛି। ମାତ୍ର ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ ରାସ୍ତା ପାଇଁ ଆମେ ଅନେକ ଥର ଗ୍ରାମସଭାଠାରୁ ଆରମ୍ଭ କରି ପଲ୍ଲିସଭାରେ ପଞ୍ଜୀକରଣ କରି ଆସିଛୁ। ବ୍ଲକ ପ୍ରଶାସନ ଏବଂ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଲିଖିତ ଓ ମୌଖିକ ରୂପେ ଜଣାଇ ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଶେଷରେ ଶ୍ରମଦାନ କରି ଗ୍ରାମରାସ୍ତା ନିର୍ମାଣ କଲୁ ବୋଲି କହିଛନ୍ତି ଗ୍ରାମର ଲକ୍ଷ୍ମଣ ବିଶୋଇ, ଭୀମ ବିଶୋୟୀ, ଜୟରାମ ବିଶୋୟୀ, ଘାସି ଜାନି, କନ୍ଦାଇ ଜାନି, କିନ୍ଦ କୁଲିସିକା, ବାଙ୍କନିଧି ଡ଼ାକୁଆ, ତରୁଣ ବିଶୋୟୀ, ସୁକଦେବ କମାର, ଚନ୍ଦ୍ର କମାର, କେଶବ ବିଶୋୟୀ । ଆମ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରା ନ ଗଲେ ଆମେ ଆଗାମୀ ଦିନରେ ଭୋଟ ବର୍ଜନ କରବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଗ୍ରାମବାସୀ ରାସ୍ତା ନିର୍ମାଣ କରୁଛନ୍ତି ।

## ଦେବଶିଳ୍ପୀଙ୍କୁ ଆରାଧନା


ରାୟଗଡ଼ା ଜିଲା ପିତାମହଲସ୍ଥିତ ଧରିତ୍ରୀ ପ୍ରିଣ୍ଟିଂ ଷ୍ଟେଶନ କାର୍ଯ୍ୟାଳୟରେ ଆୟୋଜିତ ବିଶ୍ୱକର୍ମା ପୂଜା।


ନବରଙ୍ଗପୁର ଜିଲା ଡାବୁଗାଁ ସାଉଥ୍(କୋ) କାର୍ଯ୍ୟାଳୟ।


ରାୟଗଡ଼ା ଜେକେ ପେପର ମିଲ୍।


ବିଷମକଟକ ବିଦ୍ୟୁତ୍ କାର୍ଯ୍ୟାଳୟ ।


ରାୟଗଡ଼ା ଜିଲା ଟିକିରିସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।

### ସଂକ୍ଷେପରେ

## ଅଭିଭାବକ ଜଣେ ଅଂଶୀଦାର କାର୍ଯ୍ୟକ୍ରମ

**ପାପଡ଼ାହାଣ୍ଡି, ୧୭।୯ (ସ୍ୱପ୍ନଜିତ୍ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଧନସୁଲି ସେବାଶ୍ରମ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ଚୌଧୁରୀଙ୍କ ସଭାପତିତ୍ୱରେ 'ବିଦ୍ୟାଳୟ ବିକାଶରେ ଅଭିଭାବକ ଜଣେ ଅଂଶୀଦାର', ଆମେ ଜାଣିବା ଓ ଆମେ ଜିଣିବା କାର୍ଯ୍ୟକ୍ରମ କରାଯାଇଛି। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ଜିଲା ମତ୍ସ୍ୟାଧିକାରୀ ରଞ୍ଜିତା ବେହେରା, ବିଡିଓ ଦିବାକର ବାଗ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବବ୍ରତ ପରିଡା, ଏସ୍ଏମ୍ସି ସଭାପତି ଡମ୍ବରୁଧର ନାୟକ, ୱାର୍ଡ ସଭ୍ୟ ତୁଳାରାମ ନାୟକ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ର ବିଦ୍ୟାଳୟକୁ ନିୟମିତ ଆସିବା, ବିଦ୍ୟାଳୟରେ ମିଳୁଥିବା ସରକାରୀ ଯୋଜନା ସମ୍ପର୍କରେ ଅତିଥିମାନେ କହିଥିଲେ। ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ରଙ୍ଗୋଲି, ଡିବେଟ୍, ସାଧାରଣ ଜ୍ଞାନ ପ୍ରତିଯୋଗିତା, କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଆଇଟିଡିଏ, କୃଷି ବିଭାଗ, ମିଶନ ଶକ୍ତି ପକ୍ଷରୁ ଷ୍ଟଲ ଲାଗିଥିଲା। ରତିକାନ୍ତ ଦୁବେ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରଥ, ମୋନାଲିସା ଖୋସ୍ଲା, ଜ୍ୟୋତ୍ସ୍ନାମୟୀ ରଣା, ଶିକ୍ଷକ ବନସିଂଘ ନାୟକ, ଡମ୍ବୁ ନାୟକ ଏଥିରେ ସହଯୋଗ କରିଥିଲେ।

## ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ ଅଧ୍ୟାପକ



**ଝରିଗାଁ, ୧୭।୯ (କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ମକର ନାୟକ ନିଜ ଗାଡ଼ିରେ ଜଣେ ଦୁର୍ଘଟଣାରେ ଗୁରୁତର ଯୁବକଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଗୁରୁତର ଜଣଙ୍କ ହେଲେ ଝରିଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତ ଅଧୀନ ନାଙ୍ଗାଗୁଡ଼ା ଗ୍ରାମର ଫୁଲଧର ମାଝି। ଫୁଲଧରଙ୍କ ମୁଣ୍ଡ ଏବଂ ବାମ ହାତରେ ଗଭୀର ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକ କହିଛନ୍ତି। ସୂଚନାନୁଯାୟୀ, ଫୁଲଧର ଉମରକୋଟରୁ ଫେରିବା ସମୟରେ ଝରିଗାଁ ଥାନା ଅଧୀନ କରମରି ଗ୍ରାମ ନିକଟରେ ଏକ ଅଟୋ ସହ ତାଙ୍କର ଧକ୍କା ହୋଇଥିଲା। ଫୁଲଧର ରାସ୍ତାରେ ପଡ଼ିଯାଇଥିଲେ। ତେବେ ସେହି ରାସ୍ତା ଦେଇ ଆସୁଥିବା ଝରିଗାଁର କୁମର ଦୁର୍ଗା, ସାହେବ ହରିଜନ, ମନୁ ହରିଜନ, ବନମାଳୀ ହରିଜନ, ସଞ୍ଜୟ ଦୁର୍ଗା ଅନେକ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ କେହି ରହି ନ ଥିଲେ। ଏହି ସମୟରେ ମକର ନାୟକ ନିଜ ଗାଡ଼ିରେ ଗୁରୁତର ଫୁଲଧରଙ୍କୁ ଝରିଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଝରିଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ଡ୍ରାଇଭରମାନେ ଦେଶ ପ୍ରଗତିର ବାହକ

**ନବରଙ୍ଗପୁର, ୧୭।୯ (ସଦାଶିବ ପ୍ରହରାଜ)**

ଓଡ଼ିଶା ମୋଟର ଚାଳକ ସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ଏକ ସାଙ୍ଗଠନିକ ସମାବେଶ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଛାମୁରୁଆଗୁଡ଼ାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଆର୍ଏମ୍ସି ପରିସରରେ ପହଞ୍ଚିଥିଲା। ଡିଏସ୍ପି ପୁରୁଷୋତ୍ତମ ଭୋଇ (କ୍ରାଇମ) ଯୋଗଦେଇ ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଅତିଥିଙ୍କୁ ମଞ୍ଚକୁ ଡକାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନବରଙ୍ଗପୁର ଆଇନଜୀବୀ ତଥା ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଳକମାନଙ୍କ ସମସ୍ୟା ଓ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷ କୁନୁ ନାୟକ ଉପସ୍ଥିତ ଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ ସଭ୍ୟମାନଙ୍କ ୫ ଟଙ୍କା ସହାୟତାରେ ଜଣେ କ୍ଷତିଗ୍ରସ୍ତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଚାଳକଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇ ପାରୁଛି ବୋଲି କହିଥିଲେ। ଡ୍ରାଇଭରମାନେ ଦେଶ ପ୍ରଗତିର ବାହକ ବୋଲି ଅତିଥିମାନେ କହିଛନ୍ତି। ଚାଳକମାନେ ଗାଡ଼ି ଚଳାଇବା ସମୟରେ ମଦ୍ୟପାନ କରନ୍ତୁ ନାହିଁ ବୋଲି ଡିଏସ୍ପି ଭୋଇ ପରାମର୍ଶ ଦେଇଥିଲେ। କଲ୍ୟାଣ ପାଣ୍ଠି କାହିଁକି ଆବଶ୍ୟକ ଓ ପାଣ୍ଠି ମାଧ୍ୟମରେ ଚାଳକମାନଙ୍କୁ କିଭଳି ସୁବିଧା ସୁଯୋଗ ମିଳିପାରିବ ସେ ନେଇ ରାଜ୍ୟ ମୋଟର ଚାଳକ କଲ୍ୟାଣ ପାଣ୍ଠି ସଭାପତି ଦେବଦତ୍ତ ଡାକୁଆ କହିଥିଲେ।

ଡ୍ରାଇଭରମାନଙ୍କୁ ଶ୍ରମ ବିଭାଗ ଦ୍ୱାରା ପଞ୍ଜୀକରଣ, ଡ୍ରାଇଭର କଲ୍ୟାଣ ଆଇନ ପ୍ରଣୟନ କରାଯାଇ କଲ୍ୟାଣ ପାଣ୍ଠି ଗଠନ, ସମସ୍ତ ପ୍ରକାର ସାମାଜିକ ସୁରକ୍ଷା ତଥା ଗୃହ ନିର୍ମାଣ, ସ୍ୱାସ୍ଥ୍ୟ ସୁବିଧା, ପିଲାମାନଙ୍କୁ ଶିକ୍ଷା ସୁବିଧା ଯୋଗାଇବାକୁ ଦାବି ହୋଇଛି। ଏଥିସହ ବଡ଼ ବଡ଼ ସହରରେ ବସ୍ଷ୍ଟାଣ୍ଡରେ ରାତ୍ରିକାଳୀନ ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କ ପାଇଁ ବିଶ୍ରାମ ଗୃହ, ଶୌଚାଳୟ ଏବଂ ବିଶ୍ରାମ କକ୍ଷର ସୁବିଧା କରିବାକୁ ଦାବି କରାଯାଇଛି। ସେପ୍ଟେମ୍ବର ୧୭କୁ ଚାଳକ ଦିବସ ରୂପେ ପାଳନ କରିବାକୁ ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟ ସମ୍ପାଦକ ଗୁରୁ ପ୍ରସାଦ ପଣ୍ଡା ଚାଳକମାନଙ୍କ ଦାବି କିଭଳି କାର୍ଯ୍ୟକାରୀ ହୋଇପାରିବ ସେ ନେଇ ଆଲୋକପାତ କରିଥିଲେ। ରାଜ୍ୟ ପରିଚାଳନା କମିଟି ସଭ୍ୟ ବାର୍ଥ ହରିଜନ ସଂଘୀୟ ବ୍ୟବସ୍ଥାକୁ ମାନିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ପ୍ରତି ବ୍ଲକ ଓ ସଦର ଶାଖାର କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ଶାଖାର କର୍ମକର୍ତ୍ତା ଚୟନ କରାଯାଇଥିଲା। ଦୁର୍ଗା ପ୍ରସାଦ ତ୍ରିପାଠୀ ଜିଲା ସଭାପତି, ବାର୍ଥ ହରିଜନ ଉପସଭାପତି, ଗୁରୁ ପ୍ରସାଦ ପଣ୍ଡା ସମ୍ପାଦକ, ପୂର୍ଣ୍ଣ ଭତରା ସହସମ୍ପାଦକ, ଦଶରଥ ଜାନୀ କୋଷାଧ୍ୟକ୍ଷ, ଆଇନ ପରାମର୍ଶଦାତା ଭାବେ ନରସିଂହ ନାଥ ତ୍ରିପାଠୀଙ୍କୁ ଚୟନ କରାଯାଇଛି। ଏଥିସହ ୧୦ ଜଣ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ମନୋନୀତ କରାଯାଇଛି।

## ଯୁବ ନେତାଙ୍କୁ ଜାଗ୍ରତ କରାଇବା ଲକ୍ଷ୍ୟ

**ପାପଡ଼ାହାଣ୍ଡି, ୧୭।୯ (ସ୍ୱପ୍ନଜିତ ପଟ୍ଟନାୟକ)**

ରାଜ୍ୟ ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ପାପଡ଼ାହାଣ୍ଡି ଶହୀଦ ମୀନାର ପରିସରରେ ଡାବୁଗାଁ ଓ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ଲିଡରଶିପ୍ ଡେଭେଲପ୍ମେଣ୍ଟ ମିଶନ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ଜିଲା ଉପସଭାପତି ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଜିଲା ପ୍ରହରୀ ତଥା କୋଟପାଡ଼ ବ୍ଲକ ସଭାପତି ମନହର ବିଷୋୟୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଯୁବ ନେତାଙ୍କୁ ଜାଗ୍ରତ କରାଇବା, ପ୍ରତ୍ୟେକ ପଞ୍ଚାୟତରେ କଂଗ୍ରେସ କର୍ମୀଙ୍କୁ ଏକାଠି କରି ଯୁବ ନେତାଙ୍କୁ ଦାୟିତ୍ୱ ଦେବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସଭାରେ ଡାବୁଗାଁ,

### କଂଗ୍ରେସର ଲିଡରଶିପ୍ ଡେଭେଲପ୍ମେଣ୍ଟ ମିଶନ

କୋଷାଗୁମୁଡ଼ା , ପାପଡ଼ାହାଣ୍ଡି , ନନ୍ଦାହାଣ୍ଡି , ତେନ୍ତୁଳିଖୁଣ୍ଟି ଏବଂ ନବରଙ୍ଗପୁରର ସମସ୍ତ ବ୍ଲକ ସଭାପତିଙ୍କ ସମେତ ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ଜିଲା ଯୁବ କଂଗ୍ରେସ ସଭାନେତ୍ରୀ ତଥା ଜିଲା ପରିଷଦ ସଭ୍ୟା ଡା ଲିପିକା ମାଝି, ବୃନ୍ଦାବନ ତ୍ରିପାଠୀ, ପାପଡ଼ାହାଣ୍ଡି ବ୍ଲକ ସଭାପତି ଶ୍ରୀକାନ୍ତ ମିଶ୍ର, ପ୍ରହଲ୍ଲାଦ ହିଆଲ, ପଦ୍ମସାଏ ମାଳି, ସାଇ ରାଜୁ, ଜିଲା ଛାତ୍ର ସଭାପତି ପବିତ୍ର ଗରଡ଼ା, ପ୍ରକାଶ ପଣ୍ଡା, ୱାଜିର ହୁସେନ, ଆକବର ହୁସେନ, ରବୀନ୍ଦ୍ର ପ୍ରଧାନ, ଦିଲୀପ ପ୍ରଧାନୀ, ନରି ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀମାନେ।

## ଆବର୍ଜନାମୁକ୍ତ ଦେଶ ଗଠନ ବାର୍ତ୍ତାଦେଲେ ଛାତ୍ରୀଛାତ୍ର



ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ପୌରାଧ୍ୟକ୍ଷ, କାଉନ୍ସିଲର ଓ ଅନ୍ୟମାନେ।

**ଉମରକୋଟ, ୧୭।୯ (ସନ୍ତୋଷ ଶତପଥୀ)**

ଉମରକୋଟ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଇଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଯାଏ ଲୋକଙ୍କୁ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ ରବିବାର ସକାଳୁ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କ ନେତୃତ୍ୱ ଓ ନିର୍ବାହୀ ଅଧିକାରୀ ରଷି ମାଝିଙ୍କ ଉପସ୍ଥିତିରେ ସ୍କୁଲ ପିଲାଙ୍କୁ ନେଇ ଏକ ଶୋଭାଯାତ୍ରା

### ପୌରପରିଷଦର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସହର ପରିକ୍ରମା କରିଥିଲା। ଆବର୍ଜନାମୁକ୍ତ ଦେଶ କିପରି ଗଠନ କରାଯିବ ସେ ବିଷୟରେ ଛାତ୍ରୀଛାତ୍ରମାନେ ଲୋକଙ୍କୁ ସଚେତନ କରିଥିଲେ। ସମସ୍ତେ ନିଜ ଘର ଓ ପରିବେଶକୁ ସ୍ୱଚ୍ଛ ରଖିଲେ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ ଦେଶ ଗଠନ ହୋଇପାରିବ ବୋଲି ପୌରାଧ୍ୟକ୍ଷା ରାଧା ଭତ୍ରା ଲିଫ୍ଲେଟ ମାଧ୍ୟମରେ ବାର୍ତ୍ତା ପହଞ୍ଚାଇଥିଲେ। କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, କାଉନସିଲର ତପନ ଦେବନାଥ, ନେତ୍ର ହରିଜନ, ମୁନା ପାଢ଼ୀ, ଚିତ୍ତରଞ୍ଜନ ପାତ୍ର, ଲମ୍ବୋଧର ମାଝି, ପରିମଳ ବିଶେଷଜ୍ଞ ନୀଳାମ୍ବର ଭତ୍ରା, ସହର ମିଶନ ପରିଚାଳକ ଅଭିଷେକ ମିଶ୍ର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ କର୍ମୀଙ୍କ ସହ ପୌର ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଆଦିବାସୀ ସଙ୍ଘ କାର୍ଯ୍ୟକର୍ତ୍ତା ବୈଠକ

**ଚନ୍ଦାହାଣ୍ଡି, ୧୭।୯ (ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଶରଧାପୁର ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ପଞ୍ଚାୟତସ୍ତରୀୟ ଏକ ବୈଠକ ଲଛମନ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଶରଧାପୁର ପଞ୍ଚାୟତସ୍ତରୀୟ ଆଦିବାସୀ ସଂଘ ଗଠନ ଓ କର୍ମକର୍ତ୍ତା ଚୟନ କରାଯାଇଛ ମଙ୍ଗଳ ସିଂ ପୂଜାରୀ ପଞ୍ଚାୟତସ୍ତରୀୟ ସଭାପତି, ତିରୁ ତୁଳସିରାମ ମାଝି ଉପ ସଭାପତି, ସୁମନ ମାଝି ସମ୍ପାଦକ, ବସନ୍ତ ମାଝି ସହ ସମ୍ପାଦକ ଓ କୋଷାଧ୍ୟକ୍ଷଭାବେ ଗଣେଶ ମାଝିଙ୍କୁ ଚୟନ କରାଯାଇଛି। ରଣା ଓ ମାଳି ଜାତିକୁ ଆଦିବାସୀ ମାନ୍ୟତା ପ୍ରତିବାଦ ସହ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ବେକାରୀ ସମସ୍ୟା, ବାଲ୍ୟବିବାହ ପ୍ରଥା, ଦାଦନ ସମସ୍ୟା, ଶିକ୍ଷା, ହକ ଓ ଅଧିକାର, ସଂସ୍କୃତି, ପରମ୍ପରା ସମ୍ବନ୍ଧରେ ଆଲୋଚନା କରାଯାଇଛି। ବୈଠକରେ ଶରଧାପୁର ପଞ୍ଚାୟତର ରାଜକୁମାର ପୂଜାରୀ, ଶଙ୍କର ମାଝି, କିଶୋର ମାଝି, ହିମାଂଶୁ ମାଝି, କମଳ ଲୋଚନ ମାଝି, କେଦାର ପୂଜାରୀ, ଜଗମୋହନ ମାଝି, ଭୁବନ ମାଝି,ସୁବାଷ ପୂଜାରୀ, କୃଷ୍ଣଚନ୍ଦ୍ର ପୂଜାରୀ, କେବଳ ମାଝି, ସଙ୍ଘର ଚନ୍ଦାହାଣ୍ଡି ବ୍ଲକ କର୍ମକର୍ତ୍ତା ଲଛମନ ମାଝି, ଜୟରାମ ନେତାମ, ହିଙ୍ଗ ରାଜ ମାଝି, ମୁରଲୀଧର ପୂଜାରୀ, ଆକାଶ ପୂଜାରୀ, ରମେଶ ମାଝି,ଡିକସନ ମାଝି, ଲଳିତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଜୀବନରକ୍ଷାକାରୀ କୌଶଳ ପ୍ରଦର୍ଶିତ

**ନବରଙ୍ଗପୁର, ୧୭।୯ (ସଦାଶିବ ପ୍ରହରାଜ)**

ନବରଙ୍ଗପୁରସ୍ଥିତ ପାରେଣ୍ଟ ପ୍ରାଇଡ୍ ସ୍କୁଲରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ନେଇ ମକ୍ଡ୍ରିଲ କରାଯାଇଛି। ଛାତ୍ରୀଛାତ୍ରମାନେ ଜରୁରିକାଳୀନ ସମୟରେ କିଭଳି ନିଜକୁ ସୁରକ୍ଷିତ ରଖିବେ ଓ ଅନ୍ୟର ସୁରକ୍ଷା କରିପାରିବେ ସେ ନେଇ ବିଭିନ୍ନ କୌଶଳ ମକ୍ ଡ୍ରିଲ ମାଧ୍ୟମରେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ପ୍ରଦର୍ଶନ କରିଥିଲେ।

### ସ୍କୁଲରେ ଅଗ୍ନିଶମ ବିଭାଗର ମକ୍ଡ୍ରିଲ

ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା, ଘରେ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲେ ତାହାକୁ ଭୟ ନ କରି କିପରି ଲିଭାଯିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମରେ ଅଗ୍ନିଶମ କର୍ମଚାରୀ, ଅଧିକାରୀ, ବିଦ୍ୟାଳୟର ପ୍ରିନ୍ସିପାଲ ଏ. ଅରୁଣା ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।


ସିଲିଣ୍ଡର ନିଆଁ ଲିଭାଇବା କୌଶଳ ଶିଖାଯାଉଛି।

## ଗଞ୍ଜେଇ ଚାଲାଣ, ଅଭିଯୁକ୍ତ ଗିରଫ

**ପଡିଆ, ୧୭।୯ (ଭାସ୍କର ରାଓ)**

ମାଲକାନଗିରି ଜିଲା ପଡିଆ ପୋଲିସ ପକ୍ଷରୁ ସୀମାନ୍ତରେ ଯାଞ୍ଚ ବେଳେ ସ୍କୁଟିରେ ଗଞ୍ଜେଇ ଧରି ବାହାର ରାଜ୍ୟକୁ ଚାଲାଣ କରୁଥିବା ବେଳେ ଜଣେ ଯୁବକ ଗିରଫ ହୋଇଛନ୍ତି । ଗିରଫ ଜଣକ ହେଲେ ଅଭିଷେକ କୁମାର ଗୌଡ଼ । ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ପୋଲିସ ପକ୍ଷରୁ ସୀମାରେ ଯାନବାହନ ଯାଞ୍ଚ ଚାଲୁଥିଲା ବେଳେ କାଲିମେଳାରୁ ହାଇଦ୍ରାବାଦ ଅଞ୍ଚଳକୁ ଅଭିଷେକ ଏକ ସ୍କୁଟିରରେ ୬ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ନେଉଥିଲେ। ପୋଲିସକୁ ଦେଖି ଦ୍ରୁତ ଗତିରେ ସ୍କୁଟି ଚଳାଇ ପଳାଇ ଯିବାକୁ ଚେଷ୍ଟା କରୁଥିବା ବେଳେ ଯାଞ୍ଚ ସମୟରେ ଥାନା ଅଧିକାରୀ ନିରୋଦ କୁମାର ବାଘ ଓ ଏଏସ୍ଆଇ ଅନିଲ କୁମାର ମିଶ୍ର ତାଙ୍କୁ ଧରିଥିଲେ। ଏ ନେଇ ନଂ.୧୧୩/୨୩ ମାମଲା ରୁଜୁ କରାଯାଇ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଦଳକୁ ସୁଦୃଢ଼ କରିବାକୁ କର୍ମୀଙ୍କୁ ଆହ୍ୱାନ

**ନବରଙ୍ଗପୁର, ୧୭।୯ (ସଦାଶିବ ପ୍ରହରାଜ)**

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ନବରଙ୍ଗପୁରରେ ପହଞ୍ଚିବା ପରେ ଜିଲା ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେ ନବରଙ୍ଗପୁରରେ ପହଞ୍ଚିବା ପରେ ଚାଉଁରିଆ ମନ୍ଦିରରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ପାଇଁ ମାଟି ସଂଗ୍ରହ କରାଯାଇଥିଲା। ପରେ ଏକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ସହର ପରିକ୍ରମା କରାଯାଇଥିଲା। ମା' ଭଣ୍ଡାରଘରଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ନବରଙ୍ଗପୁର ପୂର୍ବତନ ଏମ୍ପି ତଥା ରାଜ୍ୟ ଉପସଭାପତି ଇଂ.ବଳଭଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବରିଷ୍ଠ ନେତା ଗୋବିନ୍ଦ ଜୈନ, ଗୌରୀଶଙ୍କର ମାଝି, ନଗରପାଳ କୁନୁ

### ରାଜ୍ୟ ଭାଜପା ସଭାପତିଙ୍କୁ ସ୍ୱାଗତ

ନାୟକ, ନଗର ସଭାପତି ଶ୍ରୀଧର ପାତ୍ର, ଜିଲା ସଭାନେତ୍ରୀ ଶର୍ମିଷ୍ଠା ଦେଓ, ଜିଲା ସଭାପତି ଜଗଦୀଶ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନବରଙ୍ଗପୁର ବିଧାନସଭାସ୍ତରୀୟ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ସେ ଯୋଗଦେଇଥିଲେ। ଆଗାମି ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ସୁଦୃଢ଼ ଏବଂ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠ କର୍ମକର୍ତ୍ତା ଓ ନବରଙ୍ଗପୁର ପୌରପାଳିକାର ଭାଜପା କାଉନସିଲରମାନେ ଯୋଗଦେଇଥିଲେ।

## ସ୍କୁଲ ପୂଜା ପାଇଁ ଛାତ୍ର ଗଢ଼ିଲେ ୪ ଫୁଟର ଗଣେଶ ମୂର୍ତ୍ତି

**ଡାବୁଗାଁ, ୧୭।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଦିନକ ପରେ ଗଣେଶ ପୂଜା। ସ୍କୁଲମାନଙ୍କରେ ଏବେଠୁ ଜୋରଦାର ପ୍ରସ୍ତୁତି ଚାଲିଛି। ମୂର୍ତ୍ତି କେଉଁଠୁ କିଣାଯିବ, ସାଜସଜ୍ଜା କିପରି ହେବ ତାହାକୁ ନେଇ ସମସ୍ତେ ବ୍ୟସ୍ତ। ସାଧାରଣତଃ ବିଦ୍ୟାଳୟରେ ମୂର୍ତ୍ତି କିଣାଯାଇ ପୂଜା କରାଯାଉଥିବାବେଳେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବଡ଼ଓଲମା ଆଶ୍ରମ ବିଦ୍ୟାଳୟ (ପୁରୁଣା)ରେ ୨ ଛାତ୍ର ନିଜେ ତିଆରି କରୁଛନ୍ତି ୪ ଫୁଟର ଆକର୍ଷଣୀୟ ଗଣେଶ ମୂର୍ତ୍ତି। ମଙ୍ଗଳବାର ସ୍କୁଲରେ ଏହି ଗଣେଶଙ୍କ ପ୍ରତିମୂର୍ତ୍ତିକୁ ପୂଜା କରାଯିବ।

ବଡ଼ଓଲମା ଆଶ୍ରମ ବିଦ୍ୟାଳୟର ୧୦ମ ଶ୍ରେଣୀର ଶଙ୍କର ଜାନୀ ଓ ଲକ୍ଷ୍ମୁ ଭତ୍ରା ଚଳିତବର୍ଷ ଗଣେଶ ପୂଜା ପାଇଁ ମୂର୍ତ୍ତି ତିଆରି କରିବାକୁ ଚିନ୍ତା କରିଥିଲେ। ଏ ସମ୍ପର୍କରେ ସେମାନେ ପ୍ରଧାନ ଶିକ୍ଷକ ସଞ୍ଜୀବ ପଣ୍ଡାଙ୍କୁ କହିଥିଲେ। ପିଲାମାନଙ୍କ ଆଗ୍ରହ ଦେଖି ପ୍ରଧାନଶିକ୍ଷକ ଅନୁମତି ଦେଇଥିଲେ। ସେମାନେ ମୂର୍ତ୍ତି ପାଇଁ କାଠ, ମାଟି ଏବଂ ବିଭିନ୍ନ ସାମଗ୍ରୀ ସଂଗ୍ରହ କରିଥିଲେ। ୧୫ ଦିନ ପୂର୍ବରୁ ମୂର୍ତ୍ତି ତିଆରି ସାରିବା ପରେ ପ୍ରଧାନ ଶିକ୍ଷକଙ୍କୁ ରଙ୍ଗ ପାଇଁ କହିଥିଲେ। ୩ ଦିନ ତଳେ ପ୍ରଧାନଶିକ୍ଷକ ଛାତ୍ରମାନଙ୍କୁ ରଙ୍ଗ ଓ ତୂଳୀ ଯୋଗାଇ ଦେଇଥିଲେ। ଶଙ୍କର ଓ ଲକ୍ଷ୍ମୁଙ୍କୁ ଅନ୍ୟ ଶ୍ରେଣୀର ଛାତ୍ର ବୁଲୁ ମାଝି, ବସନ୍ତ ହରିଜନ, କମଳଦାସ ଭତ୍ରା ସହଯୋଗ କରିଥିଲେ। ଶିକ୍ଷକ ଭୋଜରାଜ ମାଝି ଓ ଜଗଦୀଶ ସାହୁ ମାର୍ଗଦର୍ଶନ କରିବା ସହ ଉତ୍ସାହିତ କରିଥିଲେ। ଭବିଷ୍ୟତରେ ଭଲ ଶିଳ୍ପୀ ହେବା ପାଇଁ ଲକ୍ଷ୍ୟ ରଖିଥିବା ଉଭୟ ଶଙ୍କର ଓ ଲକ୍ଷ୍ମୁ କହିଛନ୍ତି। ମୂର୍ତ୍ତି ତିଆରି କରିବା ପାଇଁ ପିଲାମାନଙ୍କ ମନରେ ଇଚ୍ଛା ଓ ଭକ୍ତି ଥିଲା। ମୂର୍ତ୍ତି ତିଆରି କରିବା ଦିନଠାରୁ ସେମାନେ ଆମିଷ ଛାଡି ନିରାମିଷ ଖାଦ୍ୟ ଗ୍ରହଣ କରୁଛନ୍ତି। ଏହି ମୂର୍ତ୍ତି ତିଆରି ଯୋଗୁ ସେମାନଙ୍କ ପାଠପଢ଼ାରେ କୌଣସି ବ୍ୟାଘାତ ହେଉନାହିଁ। ସ୍କୁଲ ଛୁଟିପରେ ଅପରାହ୍ନରେ ସେମାନେ ନ ଖେଳି ମୂର୍ତ୍ତି ତିଆରି କାମ କରୁଥିଲେ ବୋଲି ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି।


ଛାତ୍ରମାନେ ଶିକ୍ଷକଙ୍କ ଉପସ୍ଥିତିରେ ମୂର୍ତ୍ତିରେ ରଙ୍ଗ ଦେବା କାମ କରୁଛନ୍ତି।

